# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 March – 2026**

## ଓଡ଼ିଶା ପରବ୍

ଅହମ୍ମଦାବାଦର ଗୁଜୁରାଟ ବିଶ୍ୱବିଦ୍ୟାଳୟରେ ଗତକାଲି ତିନିଦିନିଆ ଓଡ଼ିଶା ପରବ୍-୨୦୨୬କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି ଓ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିରେ ସମନ୍ୱୟ ଦେଖିବାକୁ ମିଳିଥାଏ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ଗୁଜୁରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶ କୁମାର ସାଙ୍ଘଭୀ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓରମାସ୍ ଏବଂ ମିଶନଶକ୍ତି ବିଭାଗର ସହଯୋଗରେ ଆୟୋଜନ କରାଯାଉଛି।

## କାୟାକଳ୍ପ ପୁରସ୍କାର

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଉରକେଲା ମହାନଗର ନିଗମ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ମାନଜନକ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର

ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟକ ଡାକ୍ତରୀ ସେବା ଏବଂ ସୂଚନା ଓ ସଚେତନତା ଅଭିଯାନ ମାଧ୍ୟମରେ ରୋଗୀ ତଥା କର୍ମଚାରୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିଥିବାରୁ ଏହି ପୁରସ୍କାର ଦିଆଯାଇଛି।

ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଏବଂ ଗଞ୍ଜାମ ବ୍ଲକ ଖଣ୍ଡାଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଏହି ସମସ୍ତ ମାନଦଣ୍ଡଗୁଡ଼ିକରେ ଶତପ୍ରତିଶତ ପୂରଣ କରିଥିବାରୁ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି।

## ଇ-ଚାଲାଣ

ରାଜ୍ୟରେ ସଡ଼କ ସୁରକ୍ଷାକୁ ନେଇ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ପ୍ରଥମ ଦିନରେ ୯ କୋଟି ୫୭ ଲକ୍ଷ ୫୯ ହଜାର ଟଙ୍କା ଜରିମାନା ଆଦାୟ ସହିତ ୧୭ ହଜାର ୮୩୧ଟି ଇ-ଚାଲାଣ ଜାରି କରାଯାଇଛି। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

## ମୁଖ୍ୟ ଶାସନ ସଚିବଙ୍କ ବୈଠକ

ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ-ଓ.ଏସ୍.ପି.ସି.ବି. ମୁଖ୍ୟାଳୟରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପରିପ୍ରେକ୍ଷୀରେ

ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମତୀ ଗର୍ଗ ବୋର୍ଡର ସଦସ୍ୟମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି ।

# ମାଓ ସାମଗ୍ରୀ ଜବତ

ରାଜ୍ୟକୁ ମାଓବାଦୀ ମୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ବିଭିନ୍ନ ଜଙ୍ଗଲରେ ସିଆରପିଏଫ୍-୧୨୭ ବାଟାଲିୟନ୍ ଓ ଏସ୍ଓଜି ପକ୍ଷରୁ ମିଳିତ ତଲାସୀ ଅଭିଯାନ କରାଯାଇଛି । ଏହି ଅଭିଯାନ ସମୟରେ ପାରିଗଡ଼ ଗ୍ରାମ ପଞ୍ଚାୟତର ସରୁ ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।

## ବିଶ୍ୱ ଜଳଦିବସ

ଜଳର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା, ଦୁରୁପଯୋଗ ରୋକିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ପ୍ରତିବର୍ଷର ଆଜିର ଦିନକୁ  ବିଶ୍ୱ ଜଳଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **'ଜଳ ଓ ଲିଙ୍ଗ'** । ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱଚ୍ଛ ଜଳଯୋଗାଣ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ ।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ଜଳ ଦିବସ ସମାରୋହ-୨୦୨୬ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜଳସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି।

# ଓଡ଼ିଶା ମିଶନ କର୍ମଶାଳା

ରାୟଗଡ଼ା ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜନହିତକର ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ମହିଳା ଓ ଶିଶୁବିକାଶ କମିଶନର ମୃଣାଳିନୀ ଦର୍ଶଓ୍ୱାଲ ସମୀକ୍ଷା କରିଛନ୍ତି। କମିଶନର ଜିଲ୍ଲାସ୍ତରୀୟ ସୁପୋଷିତ ଓଡ଼ିଶା ମିଶନ କର୍ମଶାଳାକୁ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚିନିକଲ କାର୍ଯ୍ୟକ୍ଷମ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଥିବା ଚିନିକଲକୁ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଇଣ୍ଡିଆନ୍ ପୋଟାଶ ଲିମିଟେଡ୍‌ର ବୈଷୟିକ ଅଧିକାରୀମାନେ ରାଜ୍ୟର ଶିଳ୍ପ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଜମି ଚିହ୍ନଟ ଓ ଅଧିଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି। କାରଖାନା ଚାଲୁ ହେଲେ

ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ସମୃଦ୍ଧି ବୃଦ୍ଧି ପାଇବ ବୋଲି ସାଂସଦ ଡକ୍ଟର ସମ୍ବିତ ପାତ୍ର କହିଛନ୍ତି ।

## ଶ୍ରୀରାମ ନବମୀ ମହୋତ୍ସବ

ଭଦ୍ରକ ଜିଲ୍ଲା ନୂଆବଜାର ଗାନ୍ଧୀ ପଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆସନ୍ତା ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ ।

## ପାରାଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲି ୨୪ତମ ଜାତୀୟ ପାରାଆଥଲେଟିକ୍ସ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟ୍‌ମାନଙ୍କୁ ପୁରସ୍କୃତ କରିବା ସହିତ  ବିଶ୍ୱସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟର ପ୍ରତିଭାକୁ ନୂଆ ପରିଚୟ ଦେବାକୁ ଉଦ୍‌ବୋଧନ ଦେଇଥିଲେ। ପ୍ରତିଯୋଗିତାରେ ହରିୟାଣା ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ଗୁଜୁରାଟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ୫ଟି ସ୍ୱର୍ଣ୍ଣ ସହିତ ସର୍ବମୋଟ ୧୭ଟି ପଦକ ହାସଲ କରିଛି ।

# ପାଣିପାଗ

ରାଜ୍ୟରେ ପଶ୍ଚିମା ବାୟୁର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ସ୍ୱଳରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବର୍ଷା ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦିନର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।